# ଦଧିବାମନ ସୁମରି ଧର୍ମ କର ଅନୁକୂଳ ହେ....
# ଗଣକବି ବୈଷ୍ଣବ ପାଣି

• ନାଟ୍ୟଶ୍ରୀ ସାରଦା ପ୍ରସନ୍ନ ନାୟକ

ପଞ୍ଚଷଠି ବର୍ଷର ଅନୁଭବ, ଅନୁଭୂତି, ଅଭିଜ୍ଞତା ଓ ମୋର କଳାକାର ତଥା ଲେଖକ ଜୀବନର କିଛି ସଂଘର୍ଷ ମୁଁ ବର୍ଣ୍ଣନା କରୁଛି। ମୋ ଜୀବନର ଛୟାଅଶୀ ବର୍ଷର ଆନନ୍ଦ ଅବସାଦର ସ୍ୱାଦ ଚାଖି ସାରିଥିଲେ ମଧ୍ୟ ଉପନିଷଦ୍‌ର ଚରୈବେତି... ଚରୈବେତି ଧ୍ୱନି ଉଚ୍ଚାରଣ କରି କରି ପାହୁଣ୍ଡ ପକେଇ ଅକ୍ଷାଂଶ ଓ ଦ୍ରାଘିମାର ନିୟନ୍ତ୍ରିତ ଧରିତ୍ରୀ ବକ୍ଷରେ ମୁଁ ଚାଲିଛି । ମୋର ଦୃଢ଼ ବିଶ୍ୱାସ, ମୁଁ ଥକି ପଡ଼ିନାହିଁ କି ମୋର ନିଃଶ୍ୱାସ ପ୍ରଶ୍ୱାସ ଥକି ପଡ଼ିବ ନାହିଁ । ନାଟକ, ନାଟ୍ୟକାର, ଅଭିନୟ, ଗୀତିକବି, ଗୀତିନାଟ୍ୟକାର, ଚଳଚ୍ଚିତ୍ର ନାଟ୍ୟକାର, ଚଳଚ୍ଚିତ୍ର ନିର୍ମାଣ ଓ ନିର୍ଦ୍ଦେଶ, ବେତାର ଓ ଟେଲିଭିଜନ ନାଟ୍ୟକାର, ପ୍ରଯୋଜକ ଓ ନିର୍ଦ୍ଦେଶକ ଭାବରେ ଯେଉଁ ସୁଖ ଦୁଃଖର ଅନୁଭବ ଓ ସ୍ୱାଦ ମୁଁ ଲାଭ କରିଛି, ସେଥିରେ ଓଡ଼ିଆ ଗୀତିନାଟ୍ୟ, ବିଶେଷ କରି ଗଣକବି ବୈଷ୍ଣବ ପାଣିଙ୍କର ସମସ୍ତ ଗୀତିନାଟ୍ୟର ସ୍ୱାଦ ମୋ ପାଇଁ ଅଭୁଲା, ଅଲିଭା ଓ ସ୍ୱତନ୍ତ୍ର । ଏଥିପାଇଁ ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି ଯେ "ରୌପ୍ୟ ନଗରୀ, ବାଉନ ବଜାର, ତେପନ ଗଳି ଓ ଭାରତରେ ଭାଇଚାରାର ପୀଠସ୍ଥଳୀ କଟକ ନଗରର କାଳୀଗଳିଠାରେ ବୁଢ଼ୀ ଠାକୁରାଣୀ ଲେନ୍‌ରେ ଥିବା କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପୀଠସ୍ଥଳୀ "ସଂସ୍କୃତି ବିହାର" ସହିତ ମୋର ସଂପର୍କ ଅତି ଘନିଷ୍ଠ ଓ ନିବିଡ଼ ୧୯୬୩ ମସିହାରୁ । ପ୍ରତିବର୍ଷ ବୋଇତ ବନ୍ଦାଣ ଉତ୍ସବ, କାର୍ତ୍ତିକ ମାସରୁ ଏହା ପ୍ରଥମ ପନ୍ଦର ବର୍ଷ ମଧ୍ୟରେ ସଂସ୍କୃତି ବିହାର ଇତିହାସର ଗୋଟିଏ କୀର୍ତ୍ତି ସ୍ତମ୍ଭ ସ୍ଥାପନ କରି ଦେଇଥିଲା । କୀର୍ତ୍ତିର ପ୍ରଥମ ଶିଳାଲେଖ ଥିଲା ଗଣକବି ବୈଷ୍ଣବ ପାଣିଙ୍କ ରଚିତ ବହୁତ ବିଖ୍ୟାତ ଗୀତିନାଟ୍ୟର ଅଭିନୟ ଓ ଦୀର୍ଘ ଚାରି ପାଞ୍ଚ ଘଣ୍ଟାର ଅଭିନୟ ପରିବେଷଣ । ଏହାର ଆରମ୍ଭ ହୋଇଥିଲା ଗୀତିନାଟ୍ୟ "ଗୋଧନ ହରଣ"ଠାରୁ । ଗ୍ରୀସ୍‌ର ରାଜଧାନୀ ଏଥେନ୍ସଠାରେ ଥିବା ଆଂଫି ଥିଏଟରର ଢଂଗ ଅନୁସରଣ କରି ଏହା ଅଭିନୀତ ହୋଇଥିଲା କଟକ ବାରବାଟୀ କିଲ୍ଲାର ଗଡ଼ଖାଇ ଦୁଇ ପାଖରେ ବାରବାଟୀ ଷ୍ଟାଡ଼ିୟମ୍ ଆଡ଼କୁ ମୁହଁ କରି । ଏହାକୁ ସଫଳ କରିବାରେ ମୁଖ୍ୟ ଅବଦାନ ଥିଲା ସ୍ୱର୍ଗତଃ ନାଟ୍ୟ ଶିଳ୍ପୀ ଧିରେନ୍ ଦାଶଙ୍କର । ତାଙ୍କର ଥିଏଟର ଓ ମଂଚ ଜ୍ଞାନ ଅପୂର୍ବ ଥିଲା ଓ ଏଥିପାଇଁ ସେ ବମ୍ବେ, ମହାରାଷ୍ଟ୍ରର ବିଭିନ୍ନ ସ୍ଥାନ ଓ ଦିଲ୍ଲୀର ଥିଏଟର ତଥା ଗଣ ନାଟ୍ୟ ମାଧ୍ୟମ ସହିତ ବହୁତ ସଂପର୍କ ରଖି ଅସାଧାରଣ ପରାକାଷ୍ଠା ଲାଭ କରିଥିଲେ । ଷାଠିଏ ଓ ସତୁରୀ ଦଶକରେ ଗୋଧନ ହରଣ, ଭୀଷ୍ମ ଶରଶଯ୍ୟା, କର୍ଣ୍ଣାର୍ଜ୍ଜୁନ, ପ୍ରହ୍ଲାଦ ଚରିତ, ଦ୍ରୋଣାଚାର୍ଯ୍ୟ ବଧ, କାର୍ତ୍ତବୀର୍ଯ୍ୟ ସଂହାର, କଂସ ଦିଗ୍‌ବିଜେ, ରଙ୍ଗସଭା ପ୍ରଭୃତି ବହୁତ ଗୀତିନାଟ୍ୟ ସଂସ୍କୃତି ବିହାର ପ୍ରସ୍ତୁତ କରି ଓଡ଼ିଶାରେ ଚହଳ ପକାଇ ଦେଇଥିଲା । ଆକାଶବାଣୀ କଟକ ଓ ଦୂରଦର୍ଶନ (ଟେଲିଭିଜନ ସେଣ୍ଟର) ଏଥିପାଇଁ ବହୁତ ପ୍ରୋତ୍ସାହନ ଯୋଗାଇଥିଲେ । ମୁଁ ସଂସ୍କୃତି ବିହାରର ପ୍ରଥମ ଗୀତିନାଟ୍ୟ "ଗୋଧନ ହରଣ" ଅଭିନୟଠାରୁ ଜଡ଼ିତ ଥିଲି । ସିଂହାବଲୋକନ କଲେ ଅତୀତର ଅନେକ ସ୍ମୃତି ଏବେବି ଜୀବନ୍ତ ହୋଇ ମୋ ମନରେ ରହିଛି । ସବୁ ମତେ କାଲି ପରି ଲାଗୁଛି । ଯେଉଁ କୃତବିଦ୍ୟ ମହାନ କଳାପ୍ରେମୀମାନେ ଏହାକୁ ପରିପୁଷ୍ଟ କରିଥିଲେ ସେମାନେ ହେଲେ ଗଣକବି ବୈଷ୍ଣବ ପାଣିଙ୍କର ଅତି ଘନିଷ୍ଠ ଅଭିନେତା କୃଷ୍ଣଚନ୍ଦ୍ର ପାଣ୍ଡେ, ଦୀନବନ୍ଧୁ ଦାସ (ଟିମା) ଓ କିଶୋର କବି ଶ୍ୟାମ ସୁନ୍ଦର ଦାସ । ବିଖ୍ୟାତ କବି ଓ ନେତା ସ୍ୱର୍ଗତଃ ମନମୋହନ ମିଶ୍ର, ମୋର ପରମପୂଜ୍ୟ ଗୁରୁଦେବ ଅଧ୍ୟାପକ ରାଜକିଶୋର ରାୟ, ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତିଙ୍କର ସଂସ୍କୃତି ବିହାରର କୃତୀତ୍ୱ ପାଇଁ ଅବଦାନ ଅବିସ୍ମରଣୀୟ ।

"ସଂସ୍କୃତି ବିହାର"ର ମୁଖ୍ୟ ପ୍ରେରଣାର ଉତ୍ସ ଓ ଅନ୍ୟତମ କର୍ଣ୍ଣଧାର ରଣଜିତ୍ ସିଂହ ଏହି ଅନୁଷ୍ଠାନର ଆତ୍ମା ଥିଲେ ଓ ଦୀର୍ଘ ପଚାଶ ବର୍ଷ ପରେ ମଧ୍ୟ ତାହା ହିଁ ଅଛି । ରଣଜିତ୍ ମୋର ବାଲ୍ୟବନ୍ଧୁ ଓ ସହପାଠୀ । ଦୀର୍ଘ ସତୁରୀ ବର୍ଷ ଧରି ଆମ ଦୁହିଁଙ୍କର ଘନିଷ୍ଠ ଓ ନିବିଡ଼ ସଂପର୍କ । ସେଇ ହିଁ ମତେ "ସଂସ୍କୃତି ବିହାର"ର ଗୀତିନାଟ୍ୟ ଉତ୍ସବକୁ ଟାଣି କରି ନେଇଥିଲା ଓ ଏବେ ଆମର ପରିଣତ ବୟସରେ ମଧ୍ୟ ପୁଣି ଟାଣି କରି ଆଣିଲା ଚୁମ୍ବକ ଲୁହାକୁ ଟାଣି ଆଣିଲା ପରି । ଶ୍ରୀଜଗନ୍ନାଥଙ୍କର ଅପାର କୃପା ଯେ ୨୦୧୨ ମସିହାରେ ସଂସ୍କୃତି ବିହାର - ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଆମ ଦୁହିଁଙ୍କୁ କଟକ ସହୀଦ ଭବନରେ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜଣାଇଥିଲେ । ଯାହାଙ୍କ ଦ୍ୱାରା ଆମ ଦୁହିଁଙ୍କୁ

ସମ୍ବର୍ଦ୍ଧିତ କରାହେଲା ସେ ହେଉଛନ୍ତି ଆମର ପୁରାତନ ବନ୍ଧୁ ଓ ସହପାଠୀ ଆସାମର ମହାମାନ୍ୟ ରାଜ୍ୟପାଳ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ । ଆମ ଭାଗ୍ୟର ଗୋଟିଏ ଅପୂର୍ବ ଓ ସ୍ମରଣୀୟ ଯୋଗାଯୋଗ । ମୁଁ ଏଥିପାଇଁ 'ସଂସ୍କୃତି ବିହାର'ର ସମସ୍ତଙ୍କୁ ମୋର ଅନ୍ତରର କୃତଜ୍ଞତା ଓ ଧନ୍ୟବାଦ ଜଣାଉଛି । ଆମ ସହିତ ଆଉ ଜଣେ ବନ୍ଧୁ ଆଡ଼ଭୋକେଟ ସଚିନ୍ଦ୍ର ନାଥ କର ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ ।

ବେଦ, ଉପନିଷଦ୍‌ର ବାଣୀ "ଚରୈବତି... ଚରୈବତି" ପରି ସଂସ୍କୃତି ବିହାର ବର୍ତ୍ତମାନ ଆଗକୁ ପାଦ ବଢ଼ାଇଛି । ପୁରାତନ ରଥୀ ରଣଜିତ ସିଂ, ବୈଷ୍ଣବ ଚରଣ ସାହୁ, ଡଃ.ବିଜୟ ମୋହନ ମିଶ୍ର, ଡକ୍ଟର ନିର୍ମଳ କାନ୍ତି ସେନ୍, ପ୍ରଫେସର ସରୋଜ କୁମାର ସିଂହ ଓ ଗୀତିନାଟ୍ୟ ନିର୍ଦ୍ଦେଶକ ନାରାୟଣ ସିଂହ, ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ, ତାଙ୍କର ସଭାପତି ଇଂଜିନିୟର ଶ୍ରୀ ବିରେନ୍ ରାଉତରାୟ ତଥା ତାଙ୍କର କାର୍ଯ୍ୟକାରୀ ସମିତି ସଭ୍ୟ ଓ କଳାକାରମାନଙ୍କ ସହିତ ମହା ସମାରୋହରେ ଗୀତିନାଟ୍ୟ, ସଂଗୀତ ଓ ନୃତ୍ୟ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିବାକୁ ଉଦ୍ୟମଶୀଳ । ପ୍ରତ୍ୟେକ ବର୍ଷ ପରି କାର୍ତ୍ତିକ ପୂର୍ଣ୍ଣିମାରେ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ପରିବେଷଣ କରାଯିବାର ଉଦ୍ୟମ ହେବ । ମୋର ନମ୍ର ପ୍ରସ୍ତାବ ଯେ ଓଡ଼ିଶାର ଆଉ ଦୁଇଟି ବିଖ୍ୟାତ ପର୍ବ, "ରଜସଂକ୍ରାନ୍ତି" ଓ "କୁମାର ପୂର୍ଣ୍ଣିମା" ରେ ମଧ୍ୟ 'ସଂସ୍କୃତି ବିହାର' କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଉଦ୍ୟମ ଓ ଆୟୋଜନ କରୁ । ଏହା ଦ୍ୱାରା ଓଡ଼ିଶାର ସାଂସ୍କୃତିକ ଜୀବନ ଓ ଭାଇଚାରା ଆହୁରି ଦୃଢ଼, ପରିପୁଷ୍ଟ ଓ ଉନ୍ନତ ହେବ ।

ଆରମ୍ଭରେ ମୁଁ ଗଣକବି ବୈଷ୍ଣବ ପାଣିଙ୍କର ଭୀଷ୍ମ ଶରଶଯ୍ୟା ଗୀତିନାଟ୍ୟର ଗୋଟିଏ ମୁଖ୍ୟଗୀତର ପ୍ରଥମ ଧାଡ଼ିକୁ ମୋର ଲେଖାର ନାମକରଣ କରିଛି । ତା'ର କାରଣ ହେଉଛି ଧାର୍ମିକ ଓ ମାର୍ମିକ ।

ପ୍ରସଙ୍ଗଟି ହେଉଛି ମହାଭାରତ ଯୁଦ୍ଧ ଯେତେବେଳେ ହେବାର ସ୍ଥିର ହୋଇଗଲା ସେତେବେଳେ ସମରକ୍ଷେତ୍ର କୁରୁକ୍ଷେତ୍ରରେ କୌରବମାନଙ୍କର ପ୍ରଧାନ ସେନାପତି ଭାବରେ ବଛା ହେଲେ ମହାରଥୀ ଭୀଷ୍ମ । ପାଣ୍ଡବମାନଙ୍କ ପ୍ରତି ଭୀଷ୍ମଙ୍କର ଗଭୀର ସ୍ନେହ ଓ ଅନୁକଂପା ଥିଲେ ମଧ୍ୟ ହସ୍ତିନାପୁରର ପିତାମହ ଭାବରେ ଏହି ସେନାପତି ପଦକୁ କର୍ତ୍ତବ୍ୟ ବୋଲି ଭାବି ମହାରଥୀ ଭୀଷ୍ମ ପିତାମହ ଏହି ସେନାପତି ପଦ ଗ୍ରହଣ କଲେ । ସେତେବେଳେ ପାଣ୍ଡବ ଶିବିରରେ ଭାଳେଣି ଓ କଂପନ ଜାଗ୍ରତ ହେଲା । ଏହା ଦେଖି ବାସୁଦେବ ଶ୍ରୀକୃଷ୍ଣ ଯିଏ କି ଅର୍ଜୁନଙ୍କର ରଥର ସାରଥୀ ହେବେ ବୋଲି ପ୍ରତିଶ୍ରୁତି ଦେଇସାରିଥିଲେ, ସେ ଦୁଇଟି ମର୍ମସ୍ପର୍ଶୀ ପ୍ରେରଣା ଓ ଉତ୍ସାହ ବାକ୍ୟରେ ପାଣ୍ଡବମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରିଦେଲେ ।

ସେଥିରେ ପ୍ରଥମ ବାକ୍ୟ ହେଲା "ହେ ପାଣ୍ଡବମାନେ ମନେରଖ ଯେ ତୁମ ପାଖରେ ଅନ୍ୟ ଯେତେ ରଥୀ, ମହାରଥୀ ଥାଆନ୍ତୁ ପଛେ, ଜଣେ ସର୍ବଶ୍ରେଷ୍ଠ ମହାରଥୀ ଅଛନ୍ତି । ସେ ଅଶରୀରରେ ତୁମ ପାଖରେ ଅଛନ୍ତି, ଯୁଦ୍ଧ ଶେଷ ପର୍ଯ୍ୟନ୍ତ ରହିବେ ଓ ତୁମ ମାନଙ୍କୁ ନିଶ୍ଚୟ ବିଜୟ ମୁକୁଟ ପିନ୍ଧାଇବେ । କାରଣ ସେଇ ମହାରଥୀ ଅପରାଜେୟ ତାଙ୍କ ନାମ 'ଧର୍ମ' । ଧର୍ମ ମହାରଥୀ ତୁମ ପାଖରେ । ତୁମର ବିଜୟ ସୁନିଶ୍ଚିତ ।

ତେଣୁ ଶ୍ରୀକୃଷ୍ଣ ଯୁଦ୍ଧ ଅନୁକୂଳ କରିବାକୁ ଗୀତରେ କହିଲେ ପାଣ୍ଡବମାନଙ୍କ ପାଇଁ ସବୁ ଶୁଭ ସୂଚନା ମିଳୁଛି ବୋଲି ।

ଦଧିବାମନ ସୁମରି ଧର୍ମ କର ଅନୁକୂଳ ହେ...
ଉତ୍ତର ଦିଗେ ମାତଙ୍ଗ ଝିଙ୍କେ ଦେଖ କୁନ୍ତି ବାଳ ହେ,
ଦଧିବାମନ ସୁମରି ଧର୍ମ କର ଅନୁକୂଳ ହେ... ।
ଶୁଭେ ଶାରୀ ଦିଏ ରାବ, ବାମେ ଚାହିଁ ପୂର୍ଣ୍ଣ କୁମ୍ଭ
ଦଧି ଭାଣ୍ଡ ଘେନି ରୁଣ୍ଡ, ଦାଣ୍ଡରେ ଗୋପାଳ ବାଳ ହେ ।୧। ଦଧିବାମନ.....
ଶଙ୍ଖଚିଲ କରେ ସ୍ୱନ, ଶୁଣ ପୁଣି ଘନ ଘନ
ଚାହାଁ ଭଦଭଦଳିଆ ବସିଅଛି ବୃକ୍ଷ ଚୂଳ ହେ ।୨। ଦଧିବାମନ.....

ଓଡ଼ିଶାର ବିଖ୍ୟାତ ଗଣକବି ବୈଷ୍ଣବ ପାଣିଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ "ଭୀଷ୍ମ ଶରଶଯ୍ୟା"ରେ ଶ୍ରୀକୃଷ୍ଣଙ୍କ ମୁହଁରେ ଏହି ଗୀତଟିର ମହିମା ଅପରା ଓ ଅଦ୍ୱିତୀୟ ।

ମୋର ଏହା ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଉଛି ଯେ "ସଂସ୍କୃତିବିହାର" ପାଇଁ ଏହିପରି ଏକ ଶୁଭ ଅନୁକୂଳ ବେଳ ବର୍ତ୍ତମାନ ଆସିଯାଇଛି । "କର୍ମଣ୍ୟେ ବାଧିକାରସ୍ତେ" ପରି ବର୍ତ୍ତମାନ କର୍ମ ଓ କର୍ତ୍ତବ୍ୟର ବେଳ ଆସିଯାଇଛି । ତେଣୁ "ସଂସ୍କୃତିବିହାର" ତାର କର୍ମ ଓ ସଂସ୍କୃତିର ବିକାଶ ପାଇଁ ନିରବଚ୍ଛିନ୍ନ ଉଦ୍ୟମ କରୁ ।

ମହାତ୍ମା ଗାନ୍ଧୀଙ୍କ ବାଣୀରେ – "Let us turn this occasion into an advantage."

ମୋର ଆଶା ଓ ବିଶ୍ୱାସ "ସଂସ୍କୃତି ବିହାର" ଓଡ଼ିଶାରେ ବହୁତ କିଛି ସଂସ୍କୃତିର ବିକାଶ କରି ସୁବର୍ଣ୍ଣ ଜୟନ୍ତୀ ପରେ ହୀରକ ଜୟନ୍ତୀ ସଗୌରବେ ପାଳନ କରିବ ।

ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ ।

*ପୂର୍ବତନ ବରିଷ୍ଠ ପ୍ରଯୋଜକ ଆକାଶବାଣୀ ଓ ଦୂରଦର୍ଶନ ଓ ନିର୍ଦ୍ଦେଶକ ଓଡ଼ିଆ ଚଳଚ୍ଚିତ୍ର*

❑ ❑ ❑